بسم الله الرحمن الرحيم

**ଖୁତ୍‌ବା ଜୁମା ୨ ଜୁଲାଇ ୨୦୨୧ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ଏବଂ ଦ୍ୱିତୀୟ ଖଲିଫା ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ତଶହ୍ହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ: ବିଗତ ଖୁତ୍‌ବାରେ ହ. ଉମର୍ ର.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଏହାର ଅବଶିଷ୍ଟାଂଶ ଚର୍ଚ୍ଚା କରିବି । ହ. ମୁସ୍‌ଲେହ୍ ମଉଦ ର.ଅ ବର୍ଣ୍ଣନା କରନ୍ତି ଯେ, ୟମନ୍ ଦେଶ ଖ୍ରୀଷ୍ଟିୟାନ ଓ ଇହୁଦୀମାନଙ୍କର ଅଧୀନରେ ଥିଲା । ଔପଚାରିକ ଭାବରେ କହିବାକୁ ଗଲେ ଉକ୍ତ ଭୂମିର ସତ୍ତ୍ୱାଧିକାରୀ ସରକାର ଥିଲା । କିନ୍ତୁ ହ. ଉମର୍ ର.ଅ ଯେତେବେଳେ ସେମାନଙ୍କୁ ଆରବ ଭୂମିରୁ ବିତାଡ଼ିତ କଲେ ସେତେବେଳେ ହ. ଉମର୍ ର.ଅ ସେମାନଙ୍କ ଠାରୁ ଭୂମି ଜବର ଦଖଲ କରି ଉଚ୍ଛେଦ କଲେ ନାହିଁ । ବରଂ ସେମାନଙ୍କ ଠାରୁ ଉକ୍ତ ଜମି କିଣି ନେଇଥିଲେ । ଫତ୍‌ହୁଲ୍ ବାରିର ଶରାହ୍ ବୁଖାରୀରେ ଉଲ୍ଲେଖ ରହିଛି ଯେ, ହ. ଉମର୍ ର.ଅ ଯେତେବେଳେ ନଜ୍‌ରାନ୍‌ର ଅବିଶ୍ୱାସକାରୀ, ଇହୁଦୀ ଓ ଖ୍ରୀଷ୍ଟିୟାନ୍‌ମାନଙ୍କୁ ନିର୍ବାସିତ କଲେ, ସେତେବେଳେ ଆପଣ ର.ଅ ସେମାନଙ୍କର ଜମିଗୁଡ଼ିକୁ କିଣି ନେଇଥିଲେ।

ଇସ୍‌ଲାମ୍ ଧର୍ମରେ ଯୁଦ୍ଧରେ ବନ୍ଦୀ ହୋଇଥିବା କୈଦୀମାନଙ୍କୁ କ୍ରୀତଦାସ କରିବା ପ୍ରଥା ନିଷିଦ୍ଧ ହେବା ପ୍ରସଙ୍ଗରେ ଚର୍ଚ୍ଚା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ କହନ୍ତି : ଅଲ୍ଲାଃତାଲା କହନ୍ତି ଯେ, ହେ ମୁସଲମାନମାନେ ! କ'ଣ ତୁମେମାନେ ଅନ୍ୟମାନଙ୍କ ପରି ଏହା ଚାହୁଁଛ ଯେ, ଅନ୍ୟ ଧର୍ମାବଲମ୍ବୀୟ ବ୍ୟକ୍ତିମାନଙ୍କୁ ଧରି ନିଜର ଶକ୍ତିକୁ ଅଭିବୃଦ୍ଧି କରିନେବ ? ଅଲ୍ଲାଃତାଲା କଦାପି ଏପରି ଚାହାନ୍ତି ନାହିଁ, ବରଂ ସେ ତୁମମାନଙ୍କୁ ନିଜର ଆଦେଶାବଳୀ ଉପରେ ପରିଚାଳିତ ହେବା ପାଇଁ କହନ୍ତି ଏବଂ ଯାହାକି ତୁମର କ୍ରମପରିଣତି ନିମନ୍ତେ ଉତ୍ତମ ହେବ । ଅତଏବ ତୁମେମାନେ ସେହିମାନଙ୍କୁ ହିଁ କୈଦୀ କରି ରଖ ଯେଉଁମାନେ ଯୁଦ୍ଧରେ ବନ୍ଦୀ ହୋଇଛନ୍ତି । ଅନ୍ୟମାନଙ୍କୁ ବନ୍ଦୀ କରି ରଖିବା ଅନୁଚିତ ଅଟେ । ପ୍ରାରମ୍ଭିକ ପର୍ଯ୍ୟାୟରେ ଉକ୍ତ ଆଦେଶକୁ ପାଳନ କରିବା କ୍ଷେତ୍ରରେ କଠୋରତା ଅବଲମ୍ବନ କରାଯାଉଥିଲା । ହ. ଉମର୍ ର.ଅଙ୍କ ଖିଲାଫତ୍ ଶାସନରେ ୟମନରୁ ଏକ (ଇହୁଦୀ) ପ୍ରତିନିଧିମଣ୍ଡଳ ଆସିଲା, ସେ ହ. ଉମର୍ ର.ଅଙ୍କ ନିକଟରେ ଏହି ଅଭିଯୋଗ କଲା ଯେ, ଇସ୍‌ଲାମ୍ ଧର୍ମ ଆଗମନ ପୂର୍ବରୁ ଖ୍ରୀଷ୍ଟିୟାନ୍‌ମାନେ ସେମାନଙ୍କୁ ଅକାରଣରେ କ୍ରୀତଦାସ କରି ନେଉଥିଲେ । ହ. ଉମର୍ ର.ଅ ଉତ୍ତର ଦେଲେ ମୁଁ ଏ ପ୍ରସଙ୍ଗରେ ଅନୁସନ୍ଧାନ କରିବି । କିନ୍ତୁ ଦେଖ ! ଏହାର ଅପର ପକ୍ଷରେ ୟୁରୋପରେ ୧୯୦୦ ଶତାବ୍ଦୀ ପର୍ଯ୍ୟନ୍ତ ଏହି କ୍ରୀତଦାସ ପ୍ରଥା ଜାରି ରହିଥିଲା ।

ହ. ଉମର୍ ର.ଅଙ୍କ ଶାସନ ସମୟରେ ୧୮ ହିଜରୀରେ ମଦିନା ଓ ଏହାର ଆଖପାଖ ଅଞ୍ଚଳରେ ଭୀଷଣ ମରୁଡ଼ି ଦେଖା ଦେଇଥିଲା । ବର୍ଷା ନହେବା ଯୋଗୁଁ ସମ୍ପୂର୍ଣ୍ଣ ଭୂପୃଷ୍ଠ କଳା ରଙ୍ଗର ପାଉଁଶ ସଦୃଶ ପାଲଟି ଯାଇଥିଲା ଏବଂ ଏହିଭଳି ପରିସ୍ଥିତି ପ୍ରାୟ ୯ ମାସ ପର୍ଯ୍ୟନ୍ତ ଲାଗି ରହିଥିଲା । ସେହି ବର୍ଷକୁ **ଆମୁର୍ ରମାଦାଃ** (ପାଉଁଶ ବର୍ଷ) ନାମରେ ଅଭିହିତ କରାଯାଏ । ଏହିଭଳି ପରିସ୍ଥିତିରେ ହ. ଉମର୍ ର.ଅ ମିସର୍‌ର ପ୍ରଶାସକ ହ. ଉମର୍ ଇବ୍‌ନୁଲ୍ ଆସ୍ ର.ଅଙ୍କୁ ସାହାଯ୍ୟ ପାଇଁ ପତ୍ର ପ୍ରେରଣ କଲେ। ପ୍ରତ୍ୟୁତ୍ତରରେ ହ. ଉମର୍ ଇବ୍‌ନୁଲ୍ ଆସ୍ ର.ଅ ଶସ୍ୟଜାତ ଦ୍ରବ୍ୟ ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ, ଘିଅ ତଥା ବସ୍ତ୍ର ଏକ ହଜାର ଓଟ ଉପରେ ଲଦି ମଦିନା ପ୍ରେରଣ କରିଥିଲେ । ଇରାକ୍‌ର ଶାସକ ସାଆଦ୍ ର.ଅ ତିନି ହଜାର ଓଟ ଓ ଖାଦ୍ୟ ଶସ୍ୟ ପ୍ରେରଣ କଲେ, ଯାହାକୁ ହ. ଉମର୍ ର.ଅ ଅଭାବି ଗ୍ରାମବାସୀଙ୍କ ନିକଟକୁ ପ୍ରେରଣ କରି ଦେଇଥିଲେ । ଏହିଭଳି କଠିନ ଦିନମାନଙ୍କରେ ହ. ଉମର୍ ର.ଅ ନିଜସ୍ୱ ତତ୍ତ୍ୱାବଧାନରେ ଖାଦ୍ୟ ପ୍ରସ୍ତୁତ କରୁଥିଲେ ଏବଂ ଲୋକମାନଙ୍କ ସହିତ ମିଶି ଖାଉଥିଲେ । ଆପଣ ର.ଅ ନିରବଚ୍ଛିନ୍ନ ଭାବରେ ରୋଜା ରଖୁଥିଲେ । ଦିନେ ଗୋଟିଏ ଓଟ ଜେବହ୍ କରାଗଲା ଏବଂ ସନ୍ଧ୍ୟା ସମୟରେ ହ. ଉମର୍ ର.ଅଙ୍କ ସେବାରେ ଓଟ କୁଦର ମାଂସ ଏବଂ କଲିଜାର ଏକ ଟୁକୁଡ଼ା ଉପସ୍ଥାପିତ କରାଗଲା । ହଜୁର ର.ଅ ପଚାରିଲେ ଯେ, ଏହା କେଉଁଠୁ ଆସିଲା ? ଆପଣଙ୍କୁ କୁହାଗଲା ଯେ, ଏହା ସେହି ଓଟର ମାଂସ ଯେଉଁ ଓଟକୁ ଆଜି ଜେବହ୍ କରାଯାଇଥିଲା । ହ. ଉମର୍ ର.ଅ କହିଲେ: ଯଦି

ମୁଁ ଜୀବର ଉତ୍କୃଷ୍ଟତମ ଅଂଶ ନିଜ ପାଇଁ ରଖିନିଏ ଏବଂ ବେକାର ତଥା ସାମାନ୍ୟତମ ଅଂଶ ଲୋକମାନଙ୍କୁ ଖୁଆଏ ତେବେ ଏହା ଅତି ଦୁଃଖ ଓ ପରିତାପର ବିଷୟ ହେବ ଏବଂ ମୁଁ ଏକ ମନ୍ଦ ତତ୍ତ୍ୱାବଧାରକ ହେବି ।

ଦୁର୍ଭିକ୍ଷ ଦିନମାନଙ୍କରେ ଆପଣ ଇଶା ନମାଜ ପରେ ରାତ୍ରର ଶେଷ ପ୍ରହର ପର୍ଯ୍ୟନ୍ତ ଅହରହ ନମାଜ ପଢୁଥିଲେ । ଏହାପରେ ଆପଣ ମଦିନାର ଚତୁର୍ପାର୍ଶ୍ୱର ପରିକ୍ରମା କରୁଥିଲେ । ଆପଣ ର.ଅ ଅଲ୍ଲାଃତାଲାଙ୍କ ନିକଟରେ ଏହି ଗୁହାରି କରୁଥିଲେ ଯେ, ହେ ଅଲ୍ଲାଃ ! ମୋ ହସ୍ତରେ ହ. ମୁହମ୍ମଦ୍ ସ.ଅଙ୍କ ସଂପ୍ରଦାୟକୁ ଧ୍ୱଂସ କର ନାହିଁ । ଇବ୍‌ନେ ତାଉସ୍ ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ହ. ଉମର୍ ର.ଅ ନା ଓଟର ମାଂସ ସେବନ କଲେ ଓ ନା ହିଁ ସେ ଘିଅ ଖାଇଲେ । ଏପର୍ଯ୍ୟନ୍ତକି ଲୋକମାନେ ବିକାଶ ଓ ସମୃଦ୍ଧିର ଉଚ୍ଚ ସ୍ତର ହାସଲ କରିନେଲେ । ଅୟାଜ୍ ବିନ୍ ଖଲିଫା କହନ୍ତି ଯେ, ମରୁଡ଼ି ବର୍ଷରେ ହ. ଉମର୍ ର.ଅ କଳା କାଠ ପଡ଼ି ଯାଇଥିଲେ । ଲୋକମାନେ କହୁଥିଲେ ଯେ, ଯଦି ଅଲ୍ଲାଃତାଲା ମରୁଡ଼ି ଦୂର ନକଲେ ତାହାହେଲେ ହ. ଉମର୍ ର.ଅ ମୁସଲମାନମାନଙ୍କ ଚିନ୍ତାରେ ନିଜର ପ୍ରାଣ ହରାଇ ଦେବେ । ମଦିନାର ବିଭିନ୍ନ ଅଞ୍ଚଳରୁ ଗାଉଁଲି ଲୋକମନେ ଆସି ମଦିନାରେ ରୁଣ୍ଡ ହୋଇଥିଲେ । ଅତଏବ ହ. ଉମର୍ ର.ଅ ବିଭିନ୍ନ ସାହାବାମାନଙ୍କ ମାଧ୍ୟମରେ ସେମାନଙ୍କ ଗଣତି କରାଇଥିଲେ ଏବଂ ସେମାନଙ୍କ ଖାଦ୍ୟ ପେୟର ବ୍ୟବସ୍ଥା କରାଇଥିଲେ ।

ମରୁଡ଼ିର ଏହି ବିଭୀଷିକା ଯେତେବେଳେ ନିଜର ଚରମ ସୀମାକୁ ପହଞ୍ଚିଗଲା ସେତେବେଳେ ଜଣେ ବ୍ୟକ୍ତି ସ୍ୱପ୍ନ ଦେଖିଲା ଯେ, ଆଁହଜରତ ସ.ଅ ଦୁଆ କରିବା ପ୍ରତି ଲୋକମାନଙ୍କର ଧ୍ୟାନ ଆକର୍ଷଣ କରୁଛନ୍ତି । ଅତଏବ ହ. ଉମର୍ ର.ଅଙ୍କ ନିର୍ଦ୍ଦେଶକ୍ରମେ ନମାଜ ଇସ୍ତିସ୍‌କା (ବର୍ଷା ହେବା ନିମନ୍ତେ ଦୁଆ) କରାଗଲା । ବର୍ଣ୍ଣନାକାରୀ କହନ୍ତି ଯେ, ନମାଜ ପଢି ସାରିବା ପରେ ବର୍ତ୍ତମାନ ଆପଣ ର.ଅ ଘରେ ପହଞ୍ଚି ନଥିଲେ ଯେ, ବର୍ଷା ଯୋଗୁଁ ଭୂମି ପୋଖରୀ ପାଲଟି ଗଲା । ଅର୍ଥାତ ଚତୁର୍ପାର୍ଶ୍ୱ ଜଳପୂର୍ଣ୍ଣ ହୋଇ ଯାଇଥିଲା । ହ. ଉମର୍ ର.ଅଙ୍କ କାଳରେ ମସ୍‌ଜିଦେ ନବୱୀରେ ସର୍ବ ପ୍ରଥମେ ଚଟେଇ ବିଛା ଯାଇଥିଲା । ଆପଣ ର.ଅଙ୍କ ଖିଲାଫତ୍ କାଳରେ ୭୦ ହିଜରୀରେ ମସ୍‌ଜିଦେ ନବୱୀ ସ.ଅର ପ୍ରଶସ୍ତିକରଣ କରାଯାଇଥିଲା । ଉକ୍ତ ପ୍ରଶସ୍ତିକରଣରେ ମିତବ୍ୟୟତାକୁ ବିନିଯୋଗ କରି ମସ୍‌ଜିଦଟିକୁ ଆଁହଜରତ ସ.ଅଙ୍କ ପବିତ୍ର କାଳରେ ନିର୍ମିତ ହୋଇଥିବା ମସ୍‌ଜିଦ୍‌ର ଗଢଣ ସଂରଚନା ଅନୁଯାୟୀ ନିର୍ମାଣ କରାଯାଇଥିଲା । ହ. ଉମର୍ ର.ଅଙ୍କ ଖିଲାଫତ୍ ଶାସନ କାଳରେ ଜନଗଣନାର ପ୍ରାରମ୍ଭ ହୋଇଥିଲା । ସେହିପରି ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ଖାଦ୍ୟ ଶସ୍ୟ ବଣ୍ଟନ ନିମନ୍ତେ ରେଶନ୍ କାର୍ଡ଼ ବ୍ୟବସ୍ଥା ମଧ୍ୟ ଲାଗୁ ହୋଇଥିଲା ।

ଇସ୍‌ଲାମୀୟ ଶାସନ ବ୍ୟବସ୍ଥା କିପରି ପରିଚାଳିତ ହେଉଥିଲା ସେ ସଂପର୍କରେ ହ. ମୁସ୍‌ଲେହ୍ ମଉଦ୍ ର.ଅ କହନ୍ତି ଯେ, ରସୁଲ୍ କରୀମ୍ ସ.ଅ ମଦିନାକୁ ଆସି ସର୍ବ ପ୍ରଥମେ ଏହି କାର୍ଯ୍ୟ କଲେ ଯେ, ସମ୍ପତ୍ତିର ମାଲିକ ଓ ଅଣମାଲିକମାନଙ୍କୁ ପରସ୍ପରର ଭାଇ କରିଦେଲେ । ଅନ୍‌ସାର୍ ଓ ପ୍ରବାସକାରୀମାନଙ୍କ ମଧ୍ୟରେ ମୈତ୍ରିକ ତଥା ଭ୍ରାତୃତ୍ୱତା ସଂପର୍କ ସ୍ଥାପନ କରି ଇସ୍‌ଲାମୀୟ ସମନ୍ୱୟତାର ଅଭିନବ ଉଦାହରଣ ଉପସ୍ଥାପିତ କଲେ । ସେହିପରି ଏକ ଯୁଦ୍ଧରେ ମଧ୍ୟ ଆପଣ ସ.ଅ ରେଶନ ବ୍ୟବସ୍ଥା ଲାଗୁ କରିଥିଲେ । ଯଦ୍ୱାରା ସମସ୍ତଙ୍କୁ ସମାନ ଭାବରେ ଆହାର ମିଳିପାରୁ । ଯେତେବେଳେ ବାହାରେନ୍‌ର ରାଜା ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେଲା ସେତେବେଳେ ହଜୁର ସ.ଅ ତା'କୁ ନିର୍ଦ୍ଦେଶ ଦେଲେ ଯେ, "ତୁମ ଦେଶରେ ଯେଉଁ ଲୋକମାନଙ୍କ ନିକଟରେ କୌଣସି ଭୂମି ନାହିଁ ସେମାନଙ୍କୁ ତୁମେ ଚାରି ଦିର୍‌ହମ୍ ଲେଖାଏଁ ଅର୍ଥ ଏବଂ ବସ୍ତ୍ର ପ୍ରଦାନ କର । କାରଣ ସେମାନେ ଯେପରି ଭୋକିଲା ଏବଂ ଅନାହାରରେ କାଳାତିପାତ ନକରନ୍ତୁ ।" ଯେତେବେଳେ ଆଁହଜରତ ସ.ଅଙ୍କର ବିୟୋଗ ହୋଇଗଲା ସେତେବେଳେ ମୁସଲମାନମାନେ ପୃଥିବୀର ବିଭିନ୍ନ କୋଣ ଅନୁକୋଣରେ ପରିବ୍ୟାପ୍ତ ହେବାକୁ ଲାଗିଲେ । ସେତେବେଳେ ସେମାନଙ୍କ ଖାଦ୍ୟ ପାନୀୟର ବ୍ୟବସ୍ଥା କଷ୍ଟକର ହୋଇପଡ଼ିଲା । ପରିଶେଷରେ ହ. ଉମର୍ ର.ଅ ସମସ୍ତ ଲୋକମାନଙ୍କର ଜନଗଣନା କଲେ ଏବଂ ରାଶନ କାର୍ଡ଼ ତଥା ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ଲୋକମାନଙ୍କୁ ତାଲିକାଭୁକ୍ତ କଲେ । ହ. ଉମର୍ ର.ଅ ହିଁ ସର୍ବପ୍ରଥମେ ଜନଗଣନା କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ଏହି ଜନଗଣନା ପ୍ରଜାମାନଙ୍କର ଅମଙ୍ଗଳ ପାଇଁ ଉଦ୍ଦିଷ୍ଟ ନଥିଲା ବରଂ ଲୋକମାନଙ୍କ ଖାଦ୍ୟାଭାବ ଦୂର କରିବା ସକାଶେ ଆରମ୍ଭ ହୋଇଥିଲା । ସରକାର ତ' ଏଇଥିପାଇଁ ଜନଗଣନା କରନ୍ତି ଯେ, ଲୋକମାନେ ବଳୀର ଜୀବ ହୁଅନ୍ତୁ ଏବଂ ସେନାରେ ସେବା କରନ୍ତୁ । କିନ୍ତୁ ହ. ଉମର୍ ର.ଅ ଏଥିପାଇଁ ଜନଗଣନା କରି ନଥିଲେ ଯେ, ଲୋକମାନେ ବଳୀର ଜୀବ ହୁଅନ୍ତୁ । ବରଂ ହ. ଉମର୍ ର.ଅ ମଧ୍ୟ ଜନଗଣନା ଏଇଥିପାଇଁ କରାଇଥିଲେ ଯେ, ଲୋକମାନଙ୍କ ପେଟ ପାଟଣାର

ସମସ୍ୟା ଯେପରି ଦୂର ହୋଇଯାଉ । ଅର୍ଥାତ ଏହା ଅନୁଧ୍ୟାନ କରାଯାଉ ଯେ, ଦାରିଦ୍ର୍ୟ ସୀମା ରେଖା ତଳେ ଏପରି କେତେ ଲୋକ ଅଛନ୍ତି ଯେଉଁମାନଙ୍କ ଖାଦ୍ୟଭାବର ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି ? ଅତଏବ ଏହା ଇସ୍‌ଲାମ୍ ଧର୍ମରେ ପ୍ରଥମ ପଦକ୍ଷେପ ଥିଲା, ଯେଉଁ ପଦକ୍ଷେପ ବଳରେ ଲୋକମାନଙ୍କର ଆବଶ୍ୟକତାକୁ ପୂରଣ କରିବା ସକାଶେ ନିଆଯାଇଥିଲା । ତହିଁରୁ ଏହା ପ୍ରତିତ ହୁଏ ଯେ, ଯଦି ଏହିପରି ବ୍ୟବସ୍ଥା ବର୍ତ୍ତମାନ ଲାଗୁ ହୋଇଯାଏ ତେବେ ଏହାପରେ ଆଉ ଅନ୍ୟ କୌଣସି ବ୍ୟବସ୍ଥାର ଆବଶ୍ୟକତା ପଡ଼ିବ ନାହିଁ । କାରଣ ସମଗ୍ର ଦେଶର ଆବଶ୍ୟକତାକୁ ପୂରଣ କରିବା ସରକାରଙ୍କ ଦାୟିତ୍ୱ ହେବ । ଆଜି ଏହା କୁହାଯାଏ ଯେ, ସୋଭିଏତ ଋଷ୍ ଗରିବ ଲୋକଙ୍କ ନିମନ୍ତେ ଖାଦ୍ୟ ଏବଂ ବସ୍ତ୍ରର ବ୍ୟବସ୍ଥା କରିଛି । କିନ୍ତୁ ଏହି ପ୍ରକାରର ଆର୍ଥିକ ବ୍ୟବସ୍ଥା ସର୍ବପ୍ରଥମେ ଇସ୍‌ଲାମ୍ ଧର୍ମ ଜାରି କରିଥିଲା ଏବଂ ବ୍ୟବହାରିକ ରୂପେ ହ. ଉମର୍ ର.ଅଙ୍କ କାଳରେ ପ୍ରତ୍ୟେକ ପୁରପଲ୍ଲୀରେ, ନଗର ଏବଂ ସହରରେ ବସବାସ କରୁଥିବା ଲୋକମାନଙ୍କର ନାମ ପଞ୍ଜିକରଣ ହେଉଥିଲା । ପ୍ରତ୍ୟେକ ବ୍ୟକ୍ତିର ଖାଦ୍ୟ, ବସ୍ତ୍ର ଓ ବାସଗୃହର ବ୍ୟବସ୍ଥା କରିବା ଇସ୍‌ଲାମୀୟ ରାଷ୍ଟ୍ରର ମୌଳିକ କର୍ତ୍ତବ୍ୟ । ତେଣୁ ଇସ୍‌ଲାମ୍ ଧର୍ମ ହିଁ ଏହି ସମସ୍ତ ନୀତିଗୁଡ଼ିକୁ ପ୍ରଣୟନ କରିଛି । ସୁତରାଂ ଏହି ନୀତିଗୁଡ଼ିକୁ ବର୍ତ୍ତମାନ ଅନ୍ୟ ରାଷ୍ଟ୍ରମାନେ ଅନୁକରଣ କରୁଛନ୍ତି । କିନ୍ତୁ ସେମାନେ ଏହାକୁ ପୂର୍ଣ୍ଣ ରୂପେ ଅନୁକରଣ କରୁ ନାହାନ୍ତି । ବୀମା କରାଯାଉଛି, ପରିବାରକୁ ପେନ୍‌ସନ୍ ଦିଆଯାଉଛି । କିନ୍ତୁ ଯୁବାବସ୍ଥା ଏବଂ ବାର୍ଦ୍ଧକ୍ୟାବସ୍ଥାର ଦାୟିତ୍ୱ ଉଭୟ ରାଷ୍ଟ୍ର ଉପରେ ହିଁ ନ୍ୟସ୍ତ ହୋଇଥାଏ । ଅତଏବ ଇସ୍‌ଲାମ୍ ଧର୍ମ ପୂର୍ବରୁ ଅନ୍ୟ କୌଣସି ଧର୍ମ ଏଭଳି ନୀତି ଉପସ୍ଥାପିତ କରି ନାହିଁ ।

ହ. ଉମର୍ ର.ଅଙ୍କ କାଳରେ ୨୦ ହିଜ୍‌ରୀରେ ଅଧିକୃତ ରାଷ୍ଟ୍ରକୁ ଆଠଟି ପ୍ରଦେଶରେ ବିଭକ୍ତ କରାଯାଇଥିଲା । ପୁନଶ୍ଚ ଶୁରା (ପରାମର୍ଶ ସମ୍ମିଳନୀ)ର ସ୍ଥାପନ ହ. ଉମର୍ ର.ଅଙ୍କ କାଳରେ ହିଁ ହୋଇଥିଲା । ମଜ୍‌ଲିସ୍ ଶୁରାରେ ସର୍ବଦା ବାଧ୍ୟତାମୂଳକ ଭାବରେ ଉଭୟ ଗୋଷ୍ଠୀ ଅର୍ଥାତ ପ୍ରବାସକାରୀମାନେ ଓ ଅନ୍‌ସାର୍‌ମାନଙ୍କର ପ୍ରତିନିଧିମାନେ ସାମିଲ ହେଉଥିଲେ । ସାଧାରଣ ଏବଂ ଦୈନନ୍ଦିନ ପ୍ରସଙ୍ଗକୁ ଉକ୍ତ ମଜ୍‌ଲିସ୍‌ରେ ଉପସ୍ଥାପିତ କରାଯାଇ ସର୍ବସମ୍ମତିଙ୍କ ନିଷ୍ପତ୍ତିକୁ ଚୂଡ଼ାନ୍ତ ନିଷ୍ପତ୍ତି ଭାବେ ବିବେଚିତ କରାଯାଉଥିଲା । କିନ୍ତୁ ଯେତେବେଳେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପିତ ହେଉଥିଲା ସେତେବେଳେ ପ୍ରବାସକାରୀ ଓ ଅନ୍‌ସାର୍‌ମାନଙ୍କର ସାଧାରାଣ ସଭା ବସୁଥିଲା ଏବଂ ସମସ୍ତଙ୍କ ସହମତି କ୍ରମେ ଆଲୋଚ୍ୟ ପ୍ରସଙ୍ଗଟି ସ୍ଥିର ହେଉଥିଲା । ଏହା ବ୍ୟତୀତ ଅନ୍ୟ ଏକ ମଜ୍‌ଲିସେ ଶୁରା ରହିଥିଲା ଯେଉଁଠି ପ୍ରତିଦିନ ବ୍ୟବସ୍ଥା ଏବଂ ଆବଶ୍ୟକତା ସଂପର୍କରେ କଥୋପକଥନ କରାଯାଉଥିଲା । ଏହି ମଜ୍‌ଲିସ୍‌ଟି ସର୍ବଦା ମସ୍‌ଜିଦେ ନବୱୀରେ ଅନୁଷ୍ଠିତ ହେଉଥିଲା ଏବଂ ଉକ୍ତ ମଜ୍‌ଲିସ୍‌ରେ କେବଳ ପ୍ରବାସକାରୀ ସାହାବାମାନେ ହିଁ ସାମିଲ ହେଉଥିଲେ । ପ୍ରଦେଶଗୁଡ଼ିକ ଏବଂ ଜିଲ୍ଲାଗୁଡ଼ିକର ବିଚାରକମାନେ ଜନସାଧାରଣଙ୍କ ଇଚ୍ଛାନୁଯାୟୀ ମନୋନୀତ ହେଉଥିଲେ ତାହା ନୁହେଁ ବରଂ କେତେକ ଜରୁରୀକାଳୀନ ପରିସ୍ଥିତିରେ ସଂପୂର୍ଣ୍ଣ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେଉଥିଲା ।

ହ. ଉମର୍ ର.ଅ ଉଚ୍ଚ ପଦାଧିକାରୀମାନଙ୍କୁ ଏହି ଉପଦେଶ ଦେଉଥିଲେ ଯେ, ମୁଁ ତୁମମାନଙ୍କୁ ଅମୀର୍ ଏଇଥି ପାଇଁ ନିଯୁକ୍ତ କରି ନାହିଁ ଯେ, ତୁମେମାନେ ଲୋକମାନଙ୍କ ଉପରେ କଠୋରତା ପ୍ରଦର୍ଶନ କରିବ । ବରଂ ମୁଁ ତୁମମାନଙ୍କୁ ଏଇଥି ପାଇଁ ଅମୀର ତଥା ଧର୍ମାଧ୍ୟକ୍ଷ ରୂପେ ନିଯୁକ୍ତ କରିଛି ଯେ, ଲୋକମାନେ ତୁମକୁ ଅନୁକରଣ କରିବେ । ମୁସଲମାନମାନଙ୍କର ଅଧିକାର ସମ୍ପାଦନ କରିବା, ସେମାନଙ୍କୁ ଆଘାତ ନପହାଞ୍ଚାଇବା ସେମାନଙ୍କ ପରମ କର୍ତ୍ତବ୍ୟ ହେବା ଉଚିତ । ତୁମେମାନେ ଲୋକମାନଙ୍କୁ କେବଳ ଶାସ୍ତି ତଥା ଦଣ୍ଡ ଦେବା ପାଇଁ ମୁତୟନ କରାଯାଇ ନାହିଁ ବରଂ ସେମାନଙ୍କ ଅଧିକାର ସମ୍ପାଦନ କରିବା ପ୍ରତି ପ୍ରୟାସରତ ରୁହ । କୌଣସି ବ୍ୟକ୍ତିର ନିନ୍ଦା କରିବ ନାହିଁ, ଯଦ୍ୱାରା ସେମାନେ ଉପଦ୍ରବରେ ପିଡ଼ୀତ ହେବେ । ଯେଉଁ ବ୍ୟକ୍ତି କର୍ମକର୍ତ୍ତା ରୂପେ ନିଯୁକ୍ତ ହୁଏ ତା' ଠାରୁ ଏହି ପ୍ରତିଜ୍ଞା ନିଆଯାଉ ଯେ, ସେ ତୁର୍କୀ ଅଶ୍ୱ ଉପରେ ଆରୋହଣ ହେବ ନାହିଁ, ସୂକ୍ଷ୍ମ ବସ୍ତ୍ର ପିନ୍ଧିବ ନାହିଁ, ଚାଲୁଣୀ ଛଣା ଅଟା ଖାଇବ ନାହିଁ । ଦୁଆର ସମ୍ମୁଖରେ ପ୍ରହରୀ ନିଯୁକ୍ତ କରିବ ନାହିଁ, ଅଭାବିମାନଙ୍କ ପାଇଁ ସର୍ବଦା ନିଜ ଦ୍ୱାର ଉନ୍ମୁକ୍ତ ରଖିବ । କର୍ମକର୍ତ୍ତା ନିଯୁକ୍ତ ହେବା ପରେ ସେମାନଙ୍କ ଧନ ଓ ଆସବାବ ପତ୍ରର ଯାଞ୍ଚ କରାଯାଉଥିଲା । ଯଦି କର୍ମକର୍ତ୍ତାଙ୍କ ଆର୍ଥିକ ଅବସ୍ଥାରେ ଅସାଧାରଣ

ଉନ୍ନତି ପରିଲକ୍ଷିତ ହେଉଥିଲା ଏବଂ ସେମାନେ ଯଦି ସାନ୍ତ୍ୱନାମୂଳକ ସ୍ପଷ୍ଟୀକରଣ ଦେଇପାରୁ ନଥିଲେ ତେବେ ସେ ପରିପ୍ରେକ୍ଷୀରେ ସେମାନଙ୍କର ଧରପକଡ଼ ହେଉଥିଲା ।

ଏହାପରେ ହ. ଉମର୍ ର.ଅ କର ଆଦାୟ ବ୍ୟବସ୍ଥା ଆସିଥାଏ । ହ. ଉମର୍ ର.ଅ ଇରାକ୍ ଓ ସିରୀୟା ବିଜୟ ପରେ କର ବ୍ୟବସ୍ଥା ପ୍ରତି ଧ୍ୟାନ କେନ୍ଦ୍ରିତ କରିଥିଲେ । ଯେଉଁ ଜମିଗୁଡ଼ିକୁ ରାଜାମାନେ ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଜୋର ଜବରଦସ୍ତ ଉଚ୍ଛେଦ କରି ଦରବାରୀ ଅମୀର୍‌ମାନଙ୍କୁ ଦେଇ ଦେଇଥିଲେ । ସେହି ଜମିଗୁଡ଼ିକୁ ସ୍ଥାନୀୟ ବାସିନ୍ଦାଙ୍କୁ ଫେରସ୍ତ କରିଦିଆଗଲା । ହ. ଉମର୍ ର.ଅ କର ବ୍ୟବସ୍ଥା ଲାଗୁ କରିବା ପରେ କର ଆଦାୟ କରିବାର ଶୈଳୀରେ ମଧ୍ୟ କୋହଳତା ଆଣିଥିଲେ । କର ଆଦାୟ ସମୟରେ ଜିମ୍ମି (ଇସ୍‌ଲାମୀୟ ରାଜ୍ୟରେ ବାସ କରୁଥିବା ଅଣମୁସଲିମ୍ ବ୍ୟକ୍ତିକୁ ଜିମ୍ମି ବୋଲି କୁହାଯାଏ) ପ୍ରଜାମାନେ ଯେଉଁମାନେ ପାର୍ସି (ଅଗ୍ନୀପୂଜକ) କିମ୍ବା ଖ୍ରୀଷ୍ଟ ଧର୍ମାବଲମ୍ବୀ ଥିଲେ, ସେମାନଙ୍କ ଠାରୁ ପରାମର୍ଶ ଗ୍ରହଣ କରୁଥିଲେ ଏବଂ ସେମାନଙ୍କ ପରାମର୍ଶ ଏବଂ ପ୍ରସ୍ତାବ ଅନୁଯାୟୀ ହିଁ ନିଷ୍ପତ୍ତି ଏବଂ କର ଆଦାୟ କରୁଥିଲେ । ହ. ଉମର୍ ର.ଅଙ୍କ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବର୍ତ୍ତମାନ ଅବ୍ୟାହତ ରହିଛି । ଏହାର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ବର୍ଣ୍ଣନା କରିବି ।

ବର୍ତ୍ତମାନ ମୁଁ ଏକ ଏଲାନ୍ (ଘୋଷଣା) କରିବି ଏବଂ ତାହା ହେଲା www.ahmadiapedia.org ଅହେମଦିୟା ଇନ୍‌ସାଇକ୍ଲୋପିଡିୟା (ଜ୍ଞାନକୋଷ) । ଅହେମଦିୟା ଇନ୍‌ସାଇକ୍ଲୋପିଡ଼ିୟା ପ୍ରସ୍ତୁତ କରାଯାଇଛି ଯାହାକୁ ମୁଁ ଆଜି ଶୁଭୋଦ୍‌ଘାଟନ କରିବି । ଏହି ୱେବ୍‌ସାଇଟ୍‌ଟି କେନ୍ଦ୍ରୀୟ ଆର୍କିଓ (ପୁରାତତ୍ତ୍ୱ) ଓ ରିସର୍ଚ୍ଚ (ଅନୁସନ୍ଧାନ) ସେଣ୍ଟର ଦ୍ୱାରା ପ୍ରସ୍ତୁତ କରାଯାଇଛି । ଏହାକୁ ଅତ୍ୟନ୍ତ ସରଳ ଭାବରେ ବ୍ୟବହାରୋପଯୋଗୀ କରାଯାଇଛି । ଜମାଅତ୍‌ର ପୁସ୍ତକ, ବ୍ୟକ୍ତି ବିଶେଷ, ଘଟଣାବଳୀ, ଆସ୍ଥା ଏବଂ ଭବନକୁ କେନ୍ଦ୍ର କରି ମୌଳିକ ସାଧାରଣ ଜ୍ଞାନ ଉପଲବ୍ଧ କରାଯାଇଛି । ପ୍ରତ୍ୟେକ ଏଣ୍ଟ୍ରିର ସହିତ ସଂପୃକ୍ତ ୱେବ୍‌ସାଇଟ୍‌ରେ ଭିଡ଼ିଓ ଏବଂ ଜମାଅତ୍‌ର ଖବରକାଗଜମାନଙ୍କର ଲିଙ୍କ୍ ମଧ୍ୟ ଉପଲବ୍ଧ କରାଯାଇଛି । ସମଗ୍ର ପୃଥିବୀରେ ପରିବ୍ୟାପ୍ତ ଜମାଅତେ ଅହେମଦିୟା ନିକଟରେ ଅନେକ ଉପାଦେୟ ତଥ୍ୟ ରହିଛି, ଯାହା ଅନ୍ୟ କେଉଁଠି ରେକର୍ଡଭୁକ୍ତ ହୋଇ ନାହିଁ । ଅହେମଦି ପିଡ଼ାୟାର ୱେବ୍‌ସାଇଟ୍‌ରେ ଏକ ଅପ୍‌ସନ୍ Contribute (ଯୋଗଦାନ) ମଧ୍ୟ ରହିଛି ।  ଯେଉଁଠି ସେମାନେ ଯେକୌଣସି ପ୍ରସଙ୍ଗ ଉପରେ ନିଜର ଜ୍ଞାନ, ତଥ୍ୟ କିମ୍ବା ସାକ୍ଷ୍ୟ ଏବଂ ଦସ୍ତାବିଜ୍ (ପ୍ରମାଣ) ପ୍ରେରଣ କରିପାରିବେ । ପୁନଶ୍ଚ ସେହି ଉପଲବ୍ଧ ତଥ୍ୟ ଉପରେ ଗବେଷଣା ଓ ପୁଷ୍ଟି ହେବା ପରେ ତତ୍‌ସଂକ୍ରାନ୍ତୀୟ ବିଷୟ ଏଣ୍ଟ୍ରିରେ ସାମିଲ କରିଦିଆଯିବ । **ଇନ୍‌ଶାଅଲ୍ଲାଃ** ପ୍ରତ୍ୟେକ ଅହେମଦି ପାଇଁ ଏହା ଉପାଦେୟ ସାବ୍ୟସ୍ତ ହେଉ । ଉକ୍ତ ୱେବ୍‌ସାଇଟ୍‌ର ପ୍ରସ୍ତୁତି ପାଇଁ ସମସ୍ତ ଟେକ୍ନିକାଲ୍ ପ୍ରକ୍ରିୟା କେନ୍ଦ୍ରୀୟ ଆଇ.ଟି ବିଭାଗ ଉତ୍ତମ ରୂପେ ସମ୍ପାଦନ କରିଛି ଏବଂ ଅତ୍ୟନ୍ତ ପିରଶ୍ରମ ସହକାରେ ଆଇ.ଟି ବିଭାଗ ଏହାକୁ ପ୍ରସ୍ତୁତ କରିଛି । ଆଇ.ଟି ବିଭାଗର ସ୍ଥାୟୀ କର୍ମଚାରୀମାନଙ୍କ ବ୍ୟତୀତ ସ୍ୱେଚ୍ଛାସେବୀମାନେ ମଧ୍ୟ ଏଥିରେ ସାମିଲ ଅଟନ୍ତି । ତଥ୍ୟ ଏବଂ ପ୍ରସଙ୍ଗର ପ୍ରସ୍ତୁତି ପାଇଁ କେନ୍ଦ୍ରୀୟ ବିଭାଗର ପୁରାତତ୍ତ୍ୱ ବିଭାଗ ଏବଂ ସ୍ୱେଚ୍ଛାସେବୀମାନେ ଅତ୍ୟନ୍ତ ନିଷ୍ଠାପର ସହ କଠିନ ପରିଶ୍ରମ କରିଛନ୍ତି ଏବଂ ପ୍ରାପ୍ତ ତଥ୍ୟର ଇଂରାଜୀରୁ ଉର୍ଦ୍ଦୁ ଓ ଉର୍ଦ୍ଦୁରୁ ଇଂରାଜୀ ଅନୁବାଦ, ଅପ୍‌ଲୋଡ଼ିଂ ଆଦି ସମସ୍ତ କାର୍ଯ୍ୟରେ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି । ଅଲ୍ଲାଃତାଲା ସମସ୍ତଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ଆଜି ଜୁମା ନମାଜ୍ ପରେ **ଇନ୍‌ଶାଅଲ୍ଲାଃ** ଉକ୍ତ ୱେବ୍‌ସାଇଟ୍‌ର ଶୁଭୋଦ୍‌ଘାଟନ କରିବି।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଊଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

......................................